# ଆଦିବାସୀ ମେଳାର ଅଷ୍ଟମ ସଂଧ୍ୟା

## ଜନଜାତି ହସ୍ତଶିଳ୍ପ ଓ ଚିତ୍ରକଳା ଆଜି ବି ଜୀବନ୍ତ

ରାଜଧାନୀର ସବୁ ଶ୍ରେଣୀର ନାଗରିକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିବା ଆଦିବାସୀ ମେଳା ଆଜି ଅଷ୍ଟମ ଦିନରେ ପହଂଚିଥିବା ବେଳେ ମେଳା ପରିସରରେ ପ୍ରବଳ ଜନଗହଳି ଦେଖିବାକୁ ମିଳିଥିଲା । ସଂଜ ନଇଁ ଆସିବା ମାତ୍ରେ ସବୁ ଫାଟକ ବାଟେ ମେଳାକୁ ଛୁଟିଥିଲା ଲୋକଙ୍କ ଲମ୍ବାଧାଡ଼ି । ମେଳାର ମଧ୍ୟ ଭାଗର ମୁଖ୍ୟ ମଣ୍ଡପ ଉପରେ ତିନିଦିନ ଧରି ଚାଲିଥିବା ଜାତୀୟ ଆଦିବାସୀ ନୃତ୍ୟ ମହୋତ୍ସବର ଆଜି ଅନ୍ତିମ ସନ୍ଧ୍ୟାରେ ବିଭିନ୍ନ ରାଜ୍ୟର ଚିତାକର୍ଷକ ପାରଂପରିକ ନୃତ୍ୟକୁ ଉପଭୋଗ କରିଥିଲେ ସହାସ୍ରାଧିକ ଦର୍ଶକ । ପ୍ରଚଣ୍ଡ ଶୀତ ଓ କାଲୁଆ ପବନକୁ ଭ୍ରୂକ୍ଷେପ ନ କରି ଖୋଲା ଆକାଶ ତଳେ ଦୀର୍ଘ ସମୟ ବସି ରହି ଭିନ୍ନ ଭିନ୍ନ ଶୈଳୀର ଆଦିବାସୀ ନୃତ୍ୟକୁ ସେମାନେ କେବଳ ଉପଭୋଗ କରି ନ ଥିଲେ, କରତାଳି ଦେଇ ସେମାନଙ୍କୁ ଉତ୍ସାହିତ ମଧ୍ୟ କରିଥିଲେ । ଶେଷ ସନ୍ଧ୍ୟାର କାର୍ଯ୍ୟକ୍ରମ ଛତିଶଗଡ଼ରୁ ଆସିଥିବା କଳାକାରଙ୍କ ଠାରୁ ଆରମ୍ଭ ହୋଇଥିବା ବେଳେ ଆସାମର କଳାକାରଙ୍କ କାର୍ଯ୍ୟକ୍ରମରେ ତାହାର ପରିସମାପ୍ତି ଘଟିଥିଲା । ହିମାଚଳ, ନାଗାଲ୍ୟାଣ୍ଡ, ମହାରାଷ୍ଟ୍ର, ମଣିପୁର, ଓଡ଼ିଶା, ତ୍ରିପୁରା, ସିକିମ, ଗୁଜୁରାଟ ଓ ରାଜସ୍ଥାନର ଆଦିବାସୀ କଳାକାରଙ୍କ ନୃତ୍ୟ ମଧ୍ୟ ଦର୍ଶକଙ୍କ ମନ ମୋହିଥିଲା ।

ସବୁ ଦିନ ଭଳି ଆଜି ମଧ୍ୟ ହଜାର ହଜାର ନରନାରୀ ବିଭିନ୍ନ ମଣ୍ଡପ ବୁଲି ଘରକରଣା ସାମଗ୍ରୀ କ୍ରୟ କରୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ସହରୀ ମହିଳାଙ୍କ ମଧ୍ୟରେ ପିତଳ ଗହଣା ପ୍ରତି କିପରି ଆଗ୍ରହ ବୃଦ୍ଧି ପାଉଛି, ତା'ର ନିଆରା ଦୃଶ୍ୟ ପରିଲକ୍ଷିତ ହୋଇଥିଲା କେତେକ ଷ୍ଟଲରେ । ଆଦିବାସୀ ରମଣୀମାନେ ବିକ୍ରି କରୁଥିବା ସୁନ୍ଦର ଗହଣା ମଧ୍ୟରେ ପିତଳ ଓ କଳା ମାଳିରେ ଗୁନ୍ଥା ହୋଇଥିବା ମାଳିଠାରୁ ଆରମ୍ଭ କରି ଅନେକ ପାରଂପରିକ ଗହଣା କେତେକ ଷ୍ଟଲରେ ଉପଲବ୍ଧ ହେଉଛି । ମେଳା ପରିସରରେ ଖୋଲା ଯାଇଥିବା କେତୋଟି ସୁଦୃଶ୍ୟ ତଥା ଆକର୍ଷଣୀୟ ମଣ୍ଡପରେ ରାଜ୍ୟର ସୁଦୂର ଆଦିବାସୀ ଅଧ୍ୟୁଷିତ ଅଚଂଳର ଚିତ୍ରକଳା ଓ ହସ୍ତଶିଳ୍ପଜାତ ପ୍ରଦର୍ଶନର ବ୍ୟବସ୍ଥା ହୋଇଛି । କେତେକ ମଣ୍ଡପରେ ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳା ଓ ଭାସ୍କର୍ଯ୍ୟ ଏପରି ମନଲୋଭା ହୋଇଛି ଯେ, ଦର୍ଶକମାନେ ସ୍ୱତଃସ୍ଫୁର୍ତ ଭାବରେ ସେ ଗୁଡ଼ିକୁ କ୍ରୟ କରିବା ପାଇଁ ଆଗେଇ ଆସୁଛନ୍ତି । ସଂପୃକ୍ତ ଜିଲ୍ଲା ଗୁଡ଼ିକରେ ଆଇ.ଟି.ଡି.ଏ ସହାୟତାରେ ରାଜଧାନୀକୁ ଆସି ନିଜ ନିଜର ଉତ୍ପାଦିତ ସାମଗ୍ରୀର ପସରା ମେଲାଇବାକୁ ସେମାନେ ସୁଯୋଗ ପାଇଛନ୍ତି । ଜନଜାତି କଳା ସାମଗ୍ରୀ ପ୍ରଦର୍ଶିତ ହେଉଥିବା ପ୍ରାଙ୍ଗଣରେ କନ୍ଧମାଳ ଜିଲ୍ଲାର କୁଟିଆ କନ୍ଧ ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ କାଠ ପାନିଆ ଓ ବଂଶୀ ହେଉ କିମ୍ବା ପାରଳାଖେମୁଣ୍ଡିର ସଉରା ଶିଳ୍ପୀଙ୍କ ଦ୍ୱାରା ବାଉଁଶରେ ନିର୍ମିତ କେନ୍ଦରା ଶିଳ୍ପକଳା ହେଉ, ଅଥବା କରଞ୍ଜିଆ ଶିଳ୍ପୀଙ୍କ ଦ୍ୱାରା ପଥର ତିଆରି ସାମଗ୍ରୀ ହେଉ, ସବୁଥିରେ ଫୁଟି ଉଠିଛି ଆଦିବାସୀ ଶିଳ୍ପୀଙ୍କ ଅପୂର୍ବ କଳା ନୈପୁଣ୍ୟ । ଆଦିବାସୀ ଚିତ୍ରକଳା ଓ ହସ୍ତକଳା ଆଜି ଯେଉଁ ସୋପାନରେ ପହଂଚି ପାରିଛି, ତାହାର ନିଛକ ଝଲକ୍ ଆଦିବାସୀ ମେଳାରେ ପ୍ରତିଫଳିତ ହୋଇଛି ।

***